# Akashvani, Sambalpur

## SAMBALPURI NEWS EVENING BULLETIN

## 12 November 2025- 7.02 pm- 7.12 pm.

*********************************************

୧- ଦିଲ୍ଲୀ କାର୍ ବିସ୍ଫୋରଣ୍ ଘଟ୍ନାକେ ନେଇକରି ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ବସ୍‌ଲା ସୁରକ୍ଷା ବାବଦ୍ କେବିନେଟ୍ କମିଟି ବୈଠକ୍ ।

୨- ଛାତ୍ରଛାତ୍ରୀମାନ୍‌କର୍ ସପନ୍, ସୃଜନଶୀଳତା ଆଉ ପ୍ରତିଭା ବିକାଶ୍ ଲାଗି ସୁରଭି ଗୁଟେ ବର୍‌କସ୍ ମଂଚାନ୍ ଆଏ କହେଲେ ମୁଖ୍ୟମନ୍ତ୍ରୀ ।

୩- ଓଡ଼ିଶା ସର୍ବେକ୍ଷଣ୍ ଆଉ ବନ୍ଦୋବସ୍ତ ଅଧିନିୟମ୍‌ର ସଂଶୋଧନ୍‌କେ ଅନୁମୋଦନ୍ ଦେଲେ ମୁଖ୍ୟମନ୍ତ୍ରୀ ।

- ପୁର୍‌ନା ପଞ୍ଜିକୃତ ଜମିପଟ୍ଟା ରେକର୍ଡ୍ ବଦ୍‌ଲାବାର୍‌କେ ତହସିଲ୍‌ଦାର୍‌ମାନ୍‌କୁ ମିଲ୍‌ଲା କ୍ଷମତା ।

ଆଉର୍

୪- ବାରବାଟୀ ଷ୍ଟାଡ଼ିୟମ୍ ନ ଆଏବା ୯ ତାରିଖ୍ ହେବାର୍‌କେ ଥିବା ଟି-ଟ୍ୱେଂଟି କ୍ରିକେଟ୍ ମେଚ୍‌କେ ନେଇକରି ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଲା ବୈଠକ୍ ।

ପ୍ରଧାନ୍‌ମନ୍ତ୍ରୀ-ଦିଲ୍ଲୀ ବିସ୍ଫୋରଣ ପି.ଆଇ.ବି./ଏକ୍ସ

ଦିଲ୍ଲୀ କାର୍ ବିସ୍ଫୋରଣ୍ ଘଟ୍‌ନାକେ ନେଇକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ସୁରକ୍ଷା ସମ୍ପର୍କିତ କେବିନେଟ୍ କମିଟିର୍ ଜରୁରୀ ବୈଠକ୍ ଆଏଜ୍ ହେଇଯାଇଛେ । ପ୍ରଧାନ୍‌ମନ୍ତ୍ରୀଙ୍କର ଆବାସିକ୍ କାର୍ଯ୍ୟାଳୟ ନ ହେଇଥିବା ଇ ବୈଠକ୍‌ଥି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍‌ଙ୍କର୍ ସହେତେ ବରିଷ୍ଠ ସୁରକ୍ଷା ଅଧିକାରୀମାନେ ଯୋଗ୍ ଦେଇଥିଲେ । ବୈଠକ୍‌ଥି ଦିଲ୍ଲୀ ବିସ୍ଫୋରଣ୍ ଘଟ୍‌ନା ଉତ୍ତରର୍ ଥିତି ବାବ୍‌ଦେ ଆଲୋଚନା କରାଯାଇଥିବାର୍ ଜନାପଡ଼ିଛେ । ବୈଠକ୍ ଆଘୋନୁ ପ୍ରଧାନ୍‌ମନ୍ତ୍ରୀ ଏଲ୍.ଏନ୍.ଜି.ପି. ଡାକ୍ତର୍‌ଖାନାକେ ଯାଇକରି ବିସ୍ଫୋରଣ୍‌ଥି ଆହତ୍ ହେଇଥିବା ଲୁକ୍‌କୁ ଭେଟିକରି ସେମାନେ ଜଲ୍‌ଦି ସୁସ୍ଥ ହେବାର୍ ଲାଗି କାମନା କରିଛନ୍ । ଇତାର୍‌ସହେତେ ଆହତ୍‌ମାନ୍‌କର୍ ପରିବାର୍ ଲୁକ୍‌କୁ ଚିକିତ୍ସା ବାବ୍‌ଦେ ପଚ୍‌ରେଇ ବୁଝିଛନ୍ । ଘଟ୍‌ନା ପଛେ ଥିବା ଲୁକ୍‌କୁ କଡ଼ା ଦଣ୍ଡ ଦିଆଯିବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଛାତ୍ରଛାତ୍ରୀମାନ୍‌କର୍ ସପନ୍, ସୃଜନଶୀଳତା ଆଉ ପ୍ରତିଭା ବିକାଶ୍ ଲାଗି ସୁରଭି ଗୁଟେ ବର୍‌କସ୍ ମଂଚାନ୍ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ କେପିଟାଲ୍ ହାଇସ୍କୁଲ୍ ଠାନେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ - ସୁରଭି-୨୦୨୫ କେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ରାଜ୍ୟ ସର୍‌କାର୍ ପ୍ରାଥମିକ ଶିକ୍ଷା ନୁ ନେଇକରି ୧୨ ଶ୍ରେଣୀତକ୍ ଛାତ୍ରଛାତ୍ରୀମାନ୍‌କୁ ଗୁଣାତ୍ମକ ଶିକ୍ଷା ଯୁଗେଇ ଦେବାର୍‌କେ ଚେରେଷ୍ଟା ଚଲେଇଛନ୍ । ରାଏଜେ ଜାତୀୟ ଶିକ୍ଷାନୀତି -୨୦୨୦ କେ ବିଦ୍ୟାଳୟସ୍ତର୍‌ନୁ ମୁଲ୍ କରିକରି ବିଶ୍ୱବିଦ୍ୟାଳୟ ସ୍ତର୍‌ତକ୍ ସଫଲତାର୍ ସହେତେ କାର୍ଯ୍ୟକାରୀ କରାଯାଇଛେ । ରାଏଜେ ୪୫ ହଜାର୍ ବିଦ୍ୟାଳୟ ନ ଶିଶୁବାଟିକା ମୁଲ୍ କରାଯାଇଛେ । ଛୋଟ୍ ଛୁଆମାନ୍‌କର୍ ଯତନ୍ ଆଉ ପ୍ରାରମ୍ଭିକ ଶିକ୍ଷା ଲାଗି ଶିଶୁ ସେବିକା ମାନ୍‌କୁ ଭିଲ୍ ନିଯୁକ୍ତି ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ମହୋତ୍ସବ୍ ଥି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,

ଯୋଗ୍ ଦେଇକରି ଶିକ୍ଷା ବ୍ୟବସ୍ଥାଥି ସବୁସ୍ତରର୍ ବିକାଶ୍ ହେଲେ ଯାଇକରି ରାଜ୍ୟର୍ ଶିକ୍ଷା କ୍ଷେତ୍ରର୍ ବିକାଶ୍ ହେଇପାର୍‌ବା ବଲି କହିଛନ୍ ।

ନୂଆପଡ଼ା ଉପ ନିର୍ବାଚନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍‌ଥି ଇଥର ୮୩ ଦଶ୍‌ମିକ୍ ୪/୫ ପ୍ରତିଶତ୍ ମତଦାନ୍ ହେଇଛେ । ଯେନ୍‌ଟାକି ସବୁ ଥରର୍ ନୁ ରେକର୍ଡ଼୍ ହେଇଛେ ବଲି ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ମଧୁସୂଦନ୍ ଦାସ ସୂଚ୍‌ନା ଦେଇଛନ୍ । ଆଏଜ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଶ୍ରୀ ଦାସ କହିଛନ୍, ଜିଲ୍ଲା ନ ମୋଟ୍ ଭୋଟର୍ ସଂଖ୍ୟା ୨ ଲାଖ୍ ୫୪ ହଜାର୍ ୪ ଶହ ୯୭ ଥିଲା ବେଲ୍‌କେ ୨ ଲାଖ୍ ୧୨ ହଜାର୍ ୪ ଶହ ୮୫ ଝନ୍ ଭୋଟ୍ ଦେଇଛନ୍ । ଆଏବା ୧୪ ତାରିଖ୍ ଦିନ ଭୋଟ୍ ଗନ୍‌ତି ହେବା । ଇଥିର୍‌ଲାଗି ୩ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଗନ୍‌ତି ଲାଗି ୧୪ ଟା ଟେବୁଲ୍ କରାଯାଇଥିଲା ବେଲେ ୨୬ ରାଉଣ୍ଡ ଗନ୍‌ତି ହେବା । ସଖାଲର୍ ୮ ବଜେନୁ ପହେଲା ପୋଷ୍ଟାଲ୍ ବେଲଟ୍ ଗନ୍‌ତି ହେବା । ତାର୍ ଉତ୍‌ରୁ ଇଭିଏମ୍ ଗନ୍‌ତି ହେବା ବଲି ଜିଲ୍ଲାପାଲ୍ କହିଛନ୍ ।

ବାଲିଯାତ୍ରା-ଦିନେ ବଢ଼୍‌ଲା          କଟକ୍ ସମ୍ବାଦଦାତା

କଟକ୍‌ର ଐତିହାସିକ୍ ବାଲିଯାତ୍ରାର୍ ସମିଆ ଆଏବା କାଏଲ୍‌ତକ୍ ବଢ଼ାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅନୁମୋଦନ୍ ଉତ୍‌ରୁ ଯାତ୍ରାକେ ଦିନେ ବଢ଼ାଯାଇଛେ । ବାଲିଯାତ୍ରାକେ ନେଇକରି ଲୁକ୍‌କର୍ ଭିତ୍‌ରେ ରହିଥିବା

ଆକର୍ଷଣ୍ ଆଉ ଯାତ୍ରା ନ ବ୍ୟବସାୟୀମାନ୍କର୍ କାର୍ବାର୍କେ ନଜର୍ଥି ରଖିକରି ମୁଖ୍ୟମନ୍ତ୍ରୀ ଇ ନିଷ୍ପତି ନେଇଛନ୍ । ଆଏବା କାଏଲ୍ ବାଲିଯାତ୍ରା ଉଦ୍ଯାପିତ୍ ହେବା ବଲି କଟକ୍ ଅତିରିକ୍ତ ଜିଲ୍ଲାପାଲ୍ ଶିବୋ ଟପ୍ପୋ ସୂଚ୍ନା ଦେଇଛନ୍ ।

ପୁରୀ ଶ୍ରୀମନ୍ଦିର-ପଢୁଁଆଷ୍ଟମୀ         ପୁରୀ ସମ୍ବାଦଦାତା

ମଗ୍ଶିର୍ ମାସର୍ ଅନ୍ଧାର୍ ପଖର୍ ଅଷ୍ଟମୀ ତିଥିକେ ଆଏଜ୍ ପଢୁଁଆଷ୍ଟମୀ ଭାବେ ପାଲନ୍ କରାଯାଇଛେ । ଇ ଅବ୍ସରେ ପୁରୀ ଶ୍ରୀମନ୍ଦିର୍ ନ ଖାସ୍ ନୀତିକାନ୍ତି ହେଇଛେ । ଭୋଗମଣ୍ଡପ ନୀତି ସର୍ବାର୍ ଉତ୍ରୁ ନୀତି ବାଡ଼୍ ନ ମାହାପୁରୁମାନ୍କର୍ ମଇଲମ କରାଯାଇକରି ପୂଜାପଣ୍ଡା ସେବକ ମାନେ ମହାସ୍ନାନ ନୀତି କରିଥିଲେ । ତାର୍ ଉତ୍ରୁ ମାହାପୁରୁମାନ୍କୁ ନୂଆଁ ବସ୍ତ୍ର, ଚନ୍ଦନ ଲାଗି କରାଯାଇକରି ଫୁଲୁପୁରିଆ ଖାଦୀ ଆଉ ଛେଦା ପ୍ରସାଦ ଲାଗି କରାଯାଇଥିଲା । ଆଏବା କାଏଲ୍ ମଗ୍ଶୀରର୍ ଗୁରୁବାର୍ ନଅମୀ ତିଥି ଅବ୍ସରେ ଶ୍ରୀମନ୍ଦିର୍ ନ ଜାମା ଲାଗି ନୀତି ମୁଲ୍ ହେବା । ଶୀତ୍ ବଢୁଥିବାର୍ନୁ ମାହାପୁରୁମାନ୍କର୍ ଇ ନୀତି କରାଯାଏସି ।

ବନ୍ଦୋବସ୍ତ ଅଧିନିୟମ୍ ସଂଶୋଧନ ଭୁବନେଶ୍ୱର୍

ସମ୍ବାଦଦାତା

ରାଏଜେ ଜମି ଘିନାବିକା ସମସ୍ୟାକେ ଦୂର୍ କର୍‌ବାର୍ ଲାଗି ଓଡ଼ିଶା ସର୍ବେକ୍ଷଣ୍ ଆଉ ବନ୍ଦୋବସ୍ତ ଅଧିନିୟମ୍‌ର ସଂଶୋଧନ୍ କରାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅଧିନିୟମ୍‌କେ ସଂଶୋଧନ୍ କର୍‌ବାର୍‌କେ ଅନୁମୋଦନ୍ ଦେଇଛନ୍ । ଏଛ୍‌ନିର୍ ନିୟମ୍ ଅନ୍‌ସାରେ ବନ୍ଦୋବସ୍ତ ଅଧିକାରୀ-ବନ୍ଦୋବସ୍ତ ପ୍ରକ୍ରିୟା ଆଘୋନୁ ଘିନାହେଇଥିବା ଜମିର୍ ପଟ୍ଟା ଘିନିଥିବା ଲୁକ୍‌କର୍ ନାଁଥି କର୍‌ସନ୍ । ହେଲେ ଯଦି କେନ୍‌ସି କାରଣ୍ ଲାଗି ବନ୍ଦୋବସ୍ତ ପ୍ରକ୍ରିୟାଥି ଇ ଜମି ପଟ୍ଟା ଘିନିଥିବା ଲୁକ୍‌କର୍ ନାଁଥି ନାଇଁ କରାଯାଇଥିବା ବେଲେ ଘିନିଥିବା ଲୋକ୍ ଇଥିର୍‌ଲାଗି ରାଜସ୍ୱ ପର୍ଷଦ୍ ଆଉ ଅଲ୍‌ଗା କ୍ଷମତା ପାଇଥିବା ରିଭିଜନ୍ କୋର୍ଟ ନ ଅପିଲ୍ କର୍‌ସନ୍ । ବହୁତ୍‌ଟେ କାମ୍‌ର ବୋଝ୍ ଲାଗି ଇ ଅପିଲ୍ ମାନ୍‌କର୍ ବଛର୍ ବଛର୍ ହେଲା ଫଏସଲା ନାଇଁ ହେଇକରି ପଡ଼ିଥିସି । ଇଥିର୍‌ଲାଗି ତହସିଲ୍‌ଦାର୍‌ମାନ୍‌କୁ ଇ ମାମ୍‌ଲାମାନ୍‌କର୍ ସମାଧାନ୍ କର୍‌ବାର୍ ଲାଗି ସଂଶୋଧିତ୍ ନିୟମ୍‌ଥି କ୍ଷମତା ଦିଆଯାଇଛେ । ଇଟା ହେବାର୍‌ନୁ ଆଗ୍‌କେ ଲୋକ୍‌ମାନେ ଘିନିଥିବା ଜମିର୍ ପଟ୍ଟା ନିଜର୍ ନାଁଥି କର୍‌ବାର୍

ଲାଗି ଆଉ ପୁର୍ନା ପଞ୍ଜିକୃତ ଦିନର୍ ରେକର୍ଡ଼ ବଦ୍ଲାବାର୍ ଲାଗି ତହସିଲ୍ଦାର୍ମାନ୍କର୍ ପାଖେ ଆବେଦନ୍ କରିପାର୍ବେ ।

ଲୋକ୍ସେବା ପ୍ରସାରଣ୍ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ଲୋକ୍ସେବା ପ୍ରସାରଣ୍ ଦିବସ୍ । ୧୯୪୭ ମସିହାର୍ ଆଝିର୍ ଦିନେ ଜାତିର ପିତା ମହାତ୍ମାଗାନ୍ଧୀ ଦିଲ୍ଲୀର୍ ପ୍ରସାରଣ୍ ଭବନ୍କେ ଆସିକରି ଦେଶ୍ ବିଭାଜନ୍ ଉତ୍ରୁ ହରିଆନାର୍ କୁରୁକ୍ଷେତ୍ର ନ ଅସ୍ଥାୟୀ ଭାବେ ରହୁଥିବା ଶରଣାର୍ଥୀମାନ୍କୁ ରେଡ଼ିଓଥି ସମ୍ବୋଧିତ୍ କରିଥିଲେ । ହେତେବେଲେ ଗାନ୍ଧୀଜୀ ରେଡ଼ିଓ ମାଧ୍ୟମ୍କେ ଭଗ୍ବାନ୍ଙ୍କର୍ ଚମତ୍କାର୍ ଶକ୍ତି ବଲି କହିଥିଲେ । ଦିଲ୍ଲୀର୍ ପ୍ରସାରଣ୍ ଭବନ୍କେ ମହାତ୍ମାଗାନ୍ଧୀ ଆସ୍ବାର୍ ଘଟ୍ନାକେ ସୁର୍ତା କର୍ବାର୍ ଲାଗି ୨୦୦୧ ମସିହାନୁ ଫି ବଛର୍ ନଭେମ୍ବର୍ ୧୨ ତାରିଖ୍କେ ଲୋକ୍ସେବା ପ୍ରସାରଣ୍ ଦିବସ୍ ଭାବେ ପାଳନ୍ କରାଯାଇଆସୁଛେ । ୨୦୨୩ ମସିହା ମାର୍ଚ୍ଚ ମାସେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ରେଡ଼ିଓ କାର୍ଯ୍ୟକ୍ରମ୍ ମନ୍ କି ବାତ୍ର ଶହେ ନମ୍ବର୍ ସଂସ୍କରଣ୍ଥି ମହାତ୍ମାଗାନ୍ଧୀ ଆକାଶ୍ବାଣୀର୍ ଯେନ୍ ଷ୍ଟୁଡ଼ିଓ ନ ଐତିହାସିକ ବାର୍ତା ଦେଇଥିଲେ ସେତାକେ ବାପୁ ଷ୍ଟୁଡ଼ିଓ ନାଁ ଦେଇଥିଲେ । ସେ ଷ୍ଟୁଡ଼ିଓ ନ ବାପୁଜୀଙ୍କର୍ ଭାଷଣ୍ର ରେକର୍ଡ଼ି, ପ୍ରାର୍ଥନା ସଭାର୍

କିଛି ଝଲକ୍, ତାଙ୍କର୍ ଗସ୍ତର ସ୍ମରଣୀୟ କିଛି ଜିନିଷ୍ ଆଉ ଐତିହାସିକ୍ ଘଟ୍ନାକେ ଦର୍ଶଉଥିବା କିଛି ଫଟୋ ଗେଲେରୀ ଭିଲ୍ ରହିଛେ ।

ତମାଖୁ ମୁକ୍ତ ଯୁବ ଅଭିଯାନ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ତମାଖୁ ମୁକ୍ତ ଯୁବ ଅଭିଯାନ୍ ୩ ନମ୍ବର୍ ଖେପ୍ ମୁଲ୍ ହେଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଲ୍ଙ୍କର୍ ଯୋଜ୍ନା ଆଉ ନିର୍ଦ୍ଦେଶ୍ ଅନ୍ସାରେ ସବୁ ଶିକ୍ଷାନୁଷ୍ଠାନ୍ମାନ୍କେ ତମାଖୁ ମୁକ୍ତ ଅଭିଯାନ୍ ମୁଲ୍ କର୍ବାର୍କେ ନିଷ୍ପତି ନିଆଯାଇଛେ । ଇତାର୍ସହେତେ ଜିଲ୍ଲା ନ ତମାଖୁ ବିକ୍ରି ଆଉ କୋଟପା ନିୟମ୍କେ ଆହୁରି କଡ଼ାକଡ଼ି କର୍ବାର୍କେ କୁହାଯାଇଛେ । ଶିକ୍ଷା, ପୁଲିସ୍, ଅବକାରୀ, ଜିଲ୍ଲା ମଙ୍ଗଳ ବିଭାଗ୍ ଆଉ ଅଲ୍ଗା ବିଭାଗ୍ ମିଶିକରି ଜିଲ୍ଲା ନ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ୍ କର୍ବାର୍କେ ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ ।

ବୌଦ୍ଧ-ବିଶ୍ୱ ନିମୋନିଆ ଦିବସ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ତାଲିମ୍ କେନ୍ଦ୍ର ନ ବିଶ୍ୱ ନିମୋନିଆ ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଆଉ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ସଂଘମିତ୍ରା ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଅମିତାଭ ଦାସ, ଶିଶୁରୋଗ ବିଶେଷଜ୍ଞ ଡାକ୍ତର୍ ବିଜୟ କୁମାର୍ ସାହୁ ଆଉ ଅଲ୍‌ଗା ମାନେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଅତିଥି ମାନେ ନିମୋନିଆ ଦିବସ୍‌ର ମହତ୍ୱ ବାବ୍‌ଦେ ଗୁରୁତ୍ୱପୂର୍ଣ୍ଣ ସୂଚ୍‌ନା ଦେଇଥିଲେ ।

ଜନଜାତି ଯୁବ ଆଦାନ୍ ପ୍ରଦାନ୍ କାର୍ଯ୍ୟକ୍ରମ/କଲାହାଣ୍ଡି

ସମ୍ବାଦଦାତା

ମେରା ଯୁବା ଭାରତ୍ କଲାହାଣ୍ଡି ଶାଖା ଆଉ ଜିଲ୍ଲା ନ ଥିବା ସିଆର୍‌ପିଏଫ୍‌ର ୬୪ ବାଟାଲିୟନ୍ ତର୍‌ଫୁ ୧୭ ନମ୍ବର୍ ଜନଜାତି ଯୁବ ଆଦାନ୍ ପ୍ରଦାନ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଯୋଜ୍‌ନା ଅଧୀନ୍‌ଥି ୬ ନମ୍ବର୍ ଖେପେ ଭବାନୀପାଟ୍‌ନା ବ୍ଲକ୍‌ର ମାଓ ଇଲାକାର୍ ୨୦ ଝନ୍ ଯୁଆନ୍ ପିଲାଟୁକେଲ୍ ଦିଲ୍ଲୀ ଯାଇଛନ୍ । ସେମାନେ ଦିଲ୍ଲୀ ଯିବାର୍ ଆଘୋନୁ ସିଆର୍‌ପିଏଫ୍ ଅଟାଙ୍ଗଗୁଡ଼ା କେମ୍ପ୍ ପରିସର୍ ନ ଆଏଜ୍ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ ହେଇଥିଲା । ସିଆର୍‌ପିଏଫ୍ କମାଣ୍ଡେଂଟ୍ ଅଜୟ କୁମାର୍‌ଙ୍କର୍ ସହେତେ ଅଲ୍‌ଗା ଅଧିକାରୀ ଆଉ ମେରା ଯୁବା ଭାରତ୍‌ର

ଅଧିକାରୀମାନେ ଉପସ୍ଥିତ୍ ରହିକରି ଜିଲ୍ଲାର୍ କଳା, ସଂସ୍କୃତିକେ ଦିଲ୍ଲୀ ନୁ ପ୍ରଦର୍ଶନ୍ କରିକରି ଜିଲ୍ଲା ଲାଗି ଗୌରବ୍ ଆନ୍‌ବାର୍‌କେ ଯୁଆନ୍ ପିଲା ଟୁକେଲ୍‌ମାନ୍‌କୁ ତହଁକେଇଛନ୍ ।

ବାରବାଟୀ ମେଚ୍ ପ୍ରସ୍ତୁତି I&PR

ଭାରତ୍ ଆଉ ଦକ୍ଷିଣ ଆଫ୍ରିକା ଭିତ୍‌ରେ କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ଡିସେମ୍ବର୍ ୯ ତାରିଖ୍ ହେବାର୍‌କେ ଥିବା ଟି-ଟ୍ୱେଂଟି ମେଚ୍ ଠିକ୍ ଭାବେ ଆୟୋଜନ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଆଉ ରାଜ୍ୟର୍ ବରିଷ୍ଠ ପ୍ରଶାସନିକ୍ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ ଇ ବାବ୍‌ଦେ ହେଇଥିବା ଗୁଟେ ପ୍ରସ୍ତୁତି ବୈଠକ୍‌ଥି ମୁଖ୍ୟମନ୍ତ୍ରୀ କହିଛନ୍, କ୍ରିକେଟ୍ ଆମର୍ ଦେଶର୍ ଗୁଟେ ବହୁତ୍ ଲୋକପ୍ରିୟ ଖେଲ୍ । କଟକ୍ ନ ମେଚ୍ ଆୟୋଜନ୍ ଯେନ୍ତା ତ୍ରୁଟିଶୂନ୍ୟ ଭାବେ କରାଯିବା । ସେଥିର୍‌ଲାଗି ମୁଖ୍ୟମନ୍ତ୍ରୀ ସମ୍‌କର୍ ସହଯୋଗ୍ କାମନା କରିଛନ୍ । ଦିଲ୍ଲୀ ନ ହେଇଥିବା ବିସ୍ଫୋରଣ୍‌କେ ନଜର୍‌ଥି ରଖିକରି ଇ ଖେଲ୍ ସମିଆଥି ଲୁକ୍‌କର୍ ସୁରକ୍ଷା ଦିଗ୍‌କେ ଅଏତ୍‌କା ଧ୍ୟାନ୍ ଦେବାର୍‌କେ ମୁଖ୍ୟମନ୍ତ୍ରୀ ପୁଲିସ୍ ପ୍ରଶାସନ୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ଜଲ ପଂଚାୟତ୍ ଜନଭାଗିଦାରୀ ପୁରସ୍କାର୍/ଆର୍ଏନ୍ୟୁ/ସମ୍ବଲପୁର

ଜଲଶକ୍ତି ଅଭିଯାନ୍‌ର କେଚ୍ ଦ ରେନ୍ କାର୍ଯ୍ୟକ୍ରମ୍‌ଥି କଲାହାଣ୍ଡି ସହେତେ ଓଡ଼ିଶାର୍ ୫ ଟା ଜିଲ୍ଲାକେ କେନ୍ଦ୍ର ସର୍କାର୍‌ଙ୍କର୍ ତର୍ଫୁ ଜଲ ପଂଚାୟତ୍ ଜନଭାଗିଦାରୀ ପୁରସ୍କାର୍ ଦିଆୟିବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୧୮ ତାରିଖ୍ ନୂଆଦିଲ୍ଲୀ ନ ହେବାର୍‌କେ ଥିବା ସମ୍ମାନ୍ ସମାରୋହଥି ଇ ପୁରସ୍କାର୍ ପ୍ରଦାନ୍ କର୍‌ବେ । କେନ୍ଦ୍ର ଜଲ ଶକ୍ତି ମନ୍ତ୍ରଣାଲୟ ତର୍ଫୁ ଗଲାକାଏଲ୍ ବିଜେତାଙ୍କର୍ ତାଲିକା ଘୋଷ୍‌ନା କରାଯାଇଛେ । ପାନିର୍ ସଂରକ୍ଷଣ୍ ଆର୍ ବଁଚାବାର୍ ଦିଗେ ପ୍ରଶଂସନୀୟ କାମ୍ କରିଥିବାର୍‌ନୁ ଇ ଜିଲ୍ଲାମାନ୍‌କୁ ଇ ପୁରସ୍କାର୍ ଦିଆୟିବା ।

ଜାତୀୟ ଇନ୍‌ଡୋର୍ ଦୌଡ଼କୁଦ ପ୍ରତିଯୋଗିତା/ଆର୍ଏନ୍ୟୁ/ସମ୍ବଲପୁର

ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ଆଏବା ଜାନୁଆରୀ ମାସେ ଜାତୀୟ ଇନ୍‌ଡୋର୍ ଦୌଡ଼କୁଦ ପ୍ରତିଯୋଗିତା ହେବା । ଇ

ବାବ୍‌ଦେ ଭାରତୀୟ ଦୌଡ଼କୁଦ ସଂଘ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟକେ ଉତର୍ ଦିଗ ସୁଖା ପବନ୍ ଆସୁଥିବାର୍‌ନୁ ଭିନ୍ ଭିନ୍ ଜାଗା ନ ରାତିର୍ ତାପମାତ୍ରା ୩/୪ ଡିଗ୍ରୀ ତକ୍ କମିଛେ । ଆଏଜ୍ ରାତିର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ କମିପାରେ ଆଉ ଥଣ୍ଡା ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା ଆଉ କନ୍ଧମାଲ୍ ନ ଜବର୍ ଥଣ୍ଡା ନେଇକରି କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।